ସକାଳ
THE SAKALA
Sambalpur - 10 Sep 2023 - Page 11

## ମହିଳା ମହାବିଦ୍ୟାଳୟରେ ସାହିତ୍ୟ ଏକାଡେମୀର କାର୍ଯ୍ୟକ୍ରମ

# 'ମଙ୍ଗଲୁ ଚରଣ ବିଶ୍ୱାଳଙ୍କ ସାହିତ୍ୟ କାଳଜୟୀ'

ସକାଳ THE SAKALA

**ସମ୍ବଲପୁର, ୯।୯ (ସମିସ)**

କେନ୍ଦ୍ର ସାହିତ୍ୟ ଏକାଡେମୀ ଏବଂ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ମଙ୍ଗଲୁ ଚରଣ ବିଶ୍ୱାଳଙ୍କ ସାହିତ୍ୟ ଆଲୋଚନାଚକ୍ର ଓ କବି ସୌଭାଗ୍ୟବନ୍ତ ମହାରଣା ସହ କବିସନ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟ ସାହିତ୍ୟ ଆଲୋଚନା କ୍ରମରେ ମଙ୍ଗଲୁ ଚରଣ ବିଶ୍ୱାଳଙ୍କ ସମଗ୍ର ସାହିତ୍ୟ ଉପରେ ଚାରି ଜଣ ଆଲୋଚକ ଆଲୋକପାତ କରିଥିଲେ। ମଙ୍ଗଲୁ ଚରଣଙ୍କ କବିତା ସମ୍ପର୍କରେ ଗୌରୀଦାସ ପ୍ରଧାନ, ଦ୍ୱାରିକାନାଥ ନାୟକ, ପ୍ରବନ୍ଧ ସମ୍ପର୍କରେ ପୁଷ୍ପାଞ୍ଜଳି ରାବଣା, ନାଟକ ସମ୍ପର୍କରେ ଶ୍ୟାମସୁନ୍ଦର ଧର ଆଲୋକପାତ କରିଥିଲେ। ସମସ୍ତ ଆଲୋଚକ ମଙ୍ଗଲୁ ଚରଣ ବିଶ୍ୱାଳଙ୍କୁ ଜଣେ ମହାନ କାଳଜୟୀ ସ୍ରଷ୍ଟା ବୋଲି ମତବ୍ୟକ୍ତ କରିଥିଲେ। ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ମନୋଜ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମଙ୍ଗଲୁ ଚରଣ ବିଶ୍ୱାଳଙ୍କ ସାମଗ୍ରିକ କୃତୀର ଆକଳନ କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀର ସହ ସମ୍ପାଦକ କ୍ଷେତ୍ରବାସୀ ନାଏକ ସ୍ୱାଗତ ଭାଷଣ ଦେଇ ସାହିତ୍ୟ ଏକାଡେମୀର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ଅଧ୍ୟାପକ ଯୋଗେଶ ଚନ୍ଦ୍ର ଭୋଇ ମହାବିଦ୍ୟାଳୟର ସହଯୋଗିତା ସମ୍ପର୍କରେ ସୂଚନା ଦେଇଥିବା ବେଳେ ଅଧ୍ୟାପକ ଅଖିଳ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବିଶିଷ୍ଟ କବି ସୌଭାଗ୍ୟବନ୍ତ ମହାରଣାଙ୍କ ସହ କବିସନ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାମୁଖ୍ୟ ମନୋଜ କୁମାର ପଣ୍ଡା କବିଙ୍କ ପରିଚୟ ପ୍ରଦାନ କରିବା ସହ କବିଙ୍କ କବିତା ପାଠ କରିଥିଲେ। କବି ଶ୍ରୀ ମହାରଣା ନିଜ ଜୀବନ ଓ ସୃଜନ ସମ୍ପର୍କରେ ଅନୁଭବ ବ୍ୟକ୍ତ କରିବା ସହିତ ସ୍ୱରଚିତ ତିନୋଟି କବିତା ପାଠ କରିଥିଲେ। କବିଙ୍କ ସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଧ୍ୟାପକ, ଅଧ୍ୟାପିକା, ଆମନ୍ତ୍ରିତ ଅତିଥି ଓ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଛାତ୍ରୀମାନେ ବେଦମନ୍ତ୍ର ପାଠ କରିଥିଲେ।

